# ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ

(ଦେବୋତ୍ତରବିଭାଗ)

ବିଜ୍ଞାପନ ସଂଖ୍ୟା...୬୨୧...../ ତାରିଖ...୦୭ - ୦୨ - ୨୦୨୪

## ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧିନସ୍ଥ ନିମ୍ନଲିଖିତ ସଇରାତ ଗୁଡିକ ନିମ୍ନସୂଚୀ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ (ତା.୦୧.୦୪.୨୦୨୪ ରିଖ ଠାରୁ ତା.୩୧.୦୩.୨୦୨୫) ରିଖ ପର୍ଯ୍ୟନ୍ତ ନିଲାମ ନିମନ୍ତେ ଟେଣ୍ଡର କରାଯିବ ଏବଂ ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜରମୁଦ ଦିଆ ଟେଣ୍ଡରଆହ୍ୱାନ କରାଯାଉଅଛି । ଆଗ୍ରହୀ ବ୍ୟକ୍ତିମାନେ ବିଜ୍ଞାପନ ପ୍ରକାଶନ ତାରିଖ ଠାରୁ ତା.୨୬.୦୨.୨୦୨୪ ରିଖ ଦିବା ୧୧ଘଣ୍ଟା ମଧ୍ୟରେ ପ୍ରତି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରତି ସଇରାତ ନିମନ୍ତେ ପୃଥକ ଟେଣ୍ଡର ଜରମୁଦ ଦେଇ ପକାଇବେ ।

| କ୍ର. ସଂ | ସୈରାତର ନାମ | ଧାର୍ଯ୍ୟ ପ୍ରାସଙ୍ଗିକ ମୂଲ୍ୟ (ଟଙ୍କା) | ୧୦% ଅମାନତ (ଟଙ୍କା) | ନିଲାମ ସମୟ ଅବଧି | ଟେଣ୍ଡର କାଗଜ ପ୍ରତି ମୂଲ୍ୟ |
|---|---|---|---|---|---|
| ୦୧ | ଶ୍ରୀ ବଳଦେବ ଜୀଉ ଅବଢା | ୩.୮୬,୧୦୦.୦୦ | ୩୮,୬୧୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୨ | ଶ୍ରୀ ଦଧିବାମନ ଜୀଉ ଅବଢା | ୬.୫୦,୧୦୦.୦୦ | ୬୫.୦୧୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୩ | ଉଅରଡା ପରିବା ବଜାର | ୫.୯୨,୪୦୦.୦୦ | ୫୯.୨୪୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୪ | ସପ୍ତଶଯ୍ୟା ଭୋଗ ଦୋକାନ | ୨.୪୭,୫୦୦.୦୦ | ୨୪.୭୫୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୫ | କପିଳାସ ଚା ଓ ଜଳଖିଆ ଦୋକାନ | ୩,୫୪,୫୦୦.୦୦ | ୩୫.୪୫୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୬ | କପିଳାସ ମାଳି ମୁଡି ଓ ବାଡି ଦୋକାନ | ୬.୩୮,୦୦୦.୦୦ | ୬୩.୮୦୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୭ | କପିଳାସ ଫୁଲ ଓ ବେଲ ପତ୍ର ଦୋକାନ | ୮,୫୫,୬୦୦.୦୦ | ୮୫.୫୬୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୮ | କପିଳାସ ଓମଫେଡ ପାର୍ଲର ଦୋକାନ | ୪.୩୦,୬୦୦.୦୦ | ୪୩.୦୬୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୦୯ | କପିଳାସ ପାନ ଦୋକାନ | ୩.୦୩,୫୦୦.୦୦ | ୩୦.୩୫୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୦ | କପିଳାସ ଶିଖରକୁ ଦୁଇ ଚକିଆ ଯାନ ଷ୍ଟାଣ୍ଡ | ୧୩.୩୪,୩୦୦.୦୦ | ୧,୩୩,୪୩୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୧ | କପିଳାସ ଟୋଲ ଗେଟ୍ ଓ ପାର୍କିଂ ଷ୍ଟାଣ୍ଡ | ୩୦.୩୧,୨୦୦.୦୦ | ୩.୦୩,୧୨୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୨ | କପିଳାସ ଅନ୍ନପ୍ରସାଦ | ୧୫.୪୦,୦୦୦.୦୦ | ୧.୫୪,୦୦୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୩ | ଗୁରୁଜାଙ୍ଗ ଅସ୍ଥିର କୁଦ | ୧,୧୦,୦୦୦.୦୦ | ୧୧,୦୦୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୪ | କପିଳାସ କାକୁଡି ଦୋକାନ | ୧.୩୫,୪୦୦.୦୦ | ୧୩.୫୪୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୫ | ଚାବି ରେ ନାମ ଲେଖା ଦୋକାନ, କପିଳାସ | ୨୩.୬୦୦.୦୦ | ୨.୩୬୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୬ | କପିଳାସ କାଠ କାମ ଦୋକାନ | ୮୩.୧୦୦.୦୦ | ୮.୩୧୦.୦୦ | ୨୦୨୪-୨୫ | ଟ.୫୦୦.୦୦ |
| ୧୭ | ସନ୍ତୋଷୀ ଛକ ଓ ଶିଖରକୁ ବୃଷଭଙ୍କ ନିକଟରେ ଥିବା ଶୌଚାଳୟଦୁଇ ଗୋଟି | ୧.୨୮,୭୦୦.୦୦ | ୧୨.୮୭୦.୦୦ | ୨୦୨୪-୨୫ | ଟ.୫୦୦.୦୦ |

ନିର୍ଦ୍ଧାରିତ ତା.୨୬.୦୨.୨୦୨୪ ରିଖ ଦିନ ଯେଉଁ ସଇରାତ ଗୁଡିକ ସିଦ୍ଧାନ୍ତ ହେବନାହିଁ ସେଗୁଡିକ ନିମନ୍ତେ ପୁନର୍ବାର ଟେଣ୍ଡର ଦାଖଲ ପାଇଁ ପୂର୍ବୋକ୍ତ ଧାର୍ଯ୍ୟସ୍ଥାନ ଓ ସମୟରେ ତା.୧୨.୦୩.୨୦୨୪ ରିଖକୁ ଧାର୍ଯ୍ୟ କରାଯାଇଛି । ଏଥି ନିମନ୍ତେ ପୁନଃ ବିଜ୍ଞାପନ ଦିଆଯିବ ନାହିଁ । ତା.୧୨.୦୩.୨୦୨୪ ରିଖ ଦିନ ଯେଉଁ ସଇରାତ ଗୁଡିକ ସିଦ୍ଧାନ୍ତ ହେବ ନାହିଁ ସେଗୁଡିକ ନିମନ୍ତେ ପୁନର୍ବାର ଟେଣ୍ଡର ଦାଖଲ ପାଇଁ ପୂର୍ବୋକ୍ତ ଧାର୍ଯ୍ୟସ୍ଥାନ ଓ ସମୟରେ ତା.୨୧.୦୩.୨୦୨୪ ରିଖକୁ ଧାର୍ଯ୍ୟ କରାଯାଇଛି । ଏଥି ନିମନ୍ତେ ପୁନଃ ବିଜ୍ଞାପନ ଦିଆଯିବ ନାହିଁ ।

ଅ.ପୃ.ଦେ–୨

ଇଚ୍ଛୁକବ୍ୟକ୍ତି ଦେବୋତ୍ତରକାର୍ଯ୍ୟାଳୟରୁ ଧାର୍ଯ୍ୟଟେଣ୍ଡର ଫର୍ମ ସଂଗ୍ରହ କରି ଏବଂ ଫର୍ମ ପୂରଣ କରି ଯେଉଁ ସଇରାତ ନିମନ୍ତେ ଟେଣ୍ଡର ଦାଖଲ ଦେଉଛନ୍ତି ତାହା ସ୍ପଷ୍ଟଭାବେ ଉଲ୍ଲେଖକରି ଧାର୍ଯ୍ୟ ଅମାନତ ଅର୍ଥ ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ (**Executive Officer, Debottar, Dhenkanal**)ଙ୍କ ନାମରେ ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନକରି ଭୋଟ ପରିଚୟପତ୍ର/ଆଧାରର ନକଲ/ ବ୍ୟାଙ୍କ ପାସବୁକ୍‌ରେ ଫଟୋଥାଇ ପ୍ରଥମ ପୃଷ୍ଠାର ନକଲ ସଂଯୁକ୍ତ କରି ପ୍ରତ୍ୟେକ ଦୋକାନ ଓ ସ୍ଥାନ ପାଇଁ ପୃଥକ ପୃଥକ ଟେଣ୍ଡର ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳ ଠାରେ ଥିବା ଟେଣ୍ଡରବାକ୍ସରେ ଦାଖଲ କରିବେ। ଦାଖଲ ହୋଇଥିବା ସମସ୍ତ ଟେଣ୍ଡର ସେହିଦିନ ତା.୨୭.୦୨.୨୦୨୪ ରିଖ ୧୨ ଘଣ୍ଟା ସମୟରେ ଖୋଲାଯିବ। ଟେଣ୍ଡର ଦାଖଲକାରି ଟେଣ୍ଡର ଖୋଲାଯିବା ସମୟରେ ଉପସ୍ଥିତ ରହିବେ। ଉପରୋକ୍ତ ଟେଣ୍ଡର ସଂପର୍କୀୟ ସବିଶେଷ ବିବରଣୀ ଓ ଟେଣ୍ଡର ସର୍ତ୍ତାବଳୀ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପଲବ୍ଧ ହେବ। ଟେଣ୍ଡର ସର୍ତ୍ତାବଳୀରେ ଟେଣ୍ଡର ଦାଖଲକାରୀ ସହମତ ବୋଲି ସ୍ୱାକ୍ଷର କରି ଟେଣ୍ଡର କାଗଜ ସହ ଉତମୁଦ ଦେଇ ଟେଣ୍ଡରବାକ୍ସରେ ଦାଖଲ ଦେବେ। କୌଣସି କାରଣ ନଦର୍ଶାଇ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ଖାରଜ/ନାକଚ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି। ସର୍ତ୍ତମୂଳକ ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ।

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ,
ଦେବୋତ୍ତର,ଢେଙ୍କାନାଳ

ପରିପତ୍ର ସଂଖ୍ୟା ............../ତାରିଖ................

ଏହାର ନକଲ ସଂପାଦକ ଦୈନିକ ସମ୍ବାଦ ପତ୍ର "..........ଓ.........." ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଉକ୍ତ ବିଜ୍ଞାପନଟିକୁ ଗୋଟିଏ ଦିନ ପ୍ରକାଶ କରିବେ। ପ୍ରକାଶନ ବ୍ୟୟ ଟ.୧୫,୦୦୦/- (ପନ୍ଦର ହଜାର ଟଙ୍କା) ମାତ୍ର ମଧ୍ୟରେ ସୀମିତ ରଖିବାକୁ ଅନୁରୋଧ।

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ,
ଦେବୋତ୍ତର,ଢେଙ୍କାନାଳ

ପରିପତ୍ର ସଂଖ୍ୟା ୬୨୩ /ତାରିଖ ୦୩-୦୨-୨୦୨୪

ନକଲ ସରପଞ୍ଚ ଦେଓଗାଁ/ଗୋଷ୍ଠୀଉନ୍ନୟନ ଅଧିକାରୀଗଁଦିଆ/ସଦର/,ତହସିଲଦାର,ଗଁଦିଆ/ସଦର/,ଜିମାଦାର କପିଳାସ/ଶ୍ରୀବଳଦେବ ଜୀଉ ମନ୍ଦିରଙ୍କ ଅବଗତି ନିମନ୍ତେ ପଠାଯାଇ ଅନୁରୋଧ କରାଗଲା କି ସେମାନେ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ପାଇଁ ଲଗାଇବା ବ୍ୟବସ୍ଥା କରିବେ।

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ,
ଦେବୋତ୍ତର,ଢେଙ୍କାନାଳ

ପରିପତ୍ର ସଂଖ୍ୟା ୬୨୪ /ତାରିଖ ୦୩-୦୨-୨୦୨୪

ଏହାର ପ୍ରତିଲିପି ରାଷ୍ଟ୍ରିୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଏହି ବିଜ୍ଞାପନଟିକୁ ୱେବସାଇଟରେ ଛାଡି ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ବ୍ୟବସ୍ଥା କରାଇବେ।

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ,
ଦେବୋତ୍ତର,ଢେଙ୍କାନାଳ